## ବ୍ଲକରେ ୧୦୩୦ ଛାତ୍ରୀଛାତ୍ର ଦେବେ ସମେଟିଭ୍ ପରୀକ୍ଷା

ଲକ୍ଷ୍ମୀପୁର,(ସ୍ୱ.ପ୍ର.)- କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକରେ ଆସନ୍ତା ୫ରୁ ଆରମ୍ଭ ହେବାକୁ ଯାଉଥିବା ମାଟ୍ରିକ ଛାତ୍ରୀଛାତ୍ରଙ୍କ ସମେଟିଭ-୧ ପରୀକ୍ଷା ପାଇଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୪ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରଗୁଡିକରେ ୧୫ ଟି ହାଇସ୍କୁଲର ୧୦୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଲକ୍ଷ୍ମୀପୁରର ସଙ୍ଗାନା ହାଇସ୍କୁଲରେ ୩୨୫ ଜଣ, ମିନାପାଇସ୍ଥିତ ଏସଏସଡି ବାଳିକା ବିଦ୍ୟାଳୟରେ ୩୧୦ ଜଣ, କାକିରିଗୁମା ହାଇସ୍କଲରେ ୧୭୨ ଜଣ ଏବଂ ପଞ୍ଚଡାସ୍ଥିତ ଏସଏସଡି ହାଇସ୍କୁଲରେ ୨୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ସଙ୍ଗାନା ହାଇସ୍କୁଲ ଅଧକ୍ଷ ଗୋପାଳ ମଣ୍ଡଳ, ଉପାଧକ୍ଷ ଗୋଲୋକ ବିହାରୀ ଲେଙ୍କା ପରିଚାଳନା କରିବେ।

**ସଂକ୍ଷେପରେ**

## ଭିଡ଼ ଜମୁଥିବା ଜାଗାରେ ହେବ ଚଢ଼ାଉ

ରାୟଗଡ଼ା ଅଫିସ, ୪।୧- କରୋନାର ସାମ୍ଭାବ୍ୟ ତୃତୀୟ ଲହର ପାଇଁ ପ୍ରସ୍ତୁତ ରହିବାକୁ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଆଲୋଚନା ପାଇଁ ବିଭିନ୍ନ ଅଧିକାରୀଙ୍କୁ ନେଇ ଭର୍ଚୁଆଲରେ ଏକ ବୈଠକ କରାଯାଇଛି। ଏଥିରେ ଏସ୍‌ପି ବିବେକାନନ୍ଦ ଶର୍ମା, ଗୁଣପୁର ଉପଜିଲାପାଳ ସେନାଲ ଜେନା, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ତହସିଲଦାର ଓ ଥାନାଧିକାରୀମାନେ ସାମିଲ ହୋଇଥିଲେ। କୋଭିଡ୍ ନିୟମକୁ କଡ଼ାକଡ଼ି ଯାଞ୍ଚ କରିବା, ସାମାଜିକ ଦୂରତା, ମାସ୍କ, ସାନିଟାଇଜର ବ୍ୟବହାର କରିବାକୁ ତହସିଲଦାର ଓ ଥାନାଧିକାରୀମାନଙ୍କୁ କୁହାଯାଇଛି। ଏହି ସମୟରେ ପିକ୍‌ନିକ୍ ସ୍ଥାନରେ ଉଭୟ ତହସିଲଦାର ଓ ଥାନା ଅଧିକାରୀ ମିଳିତ ଭାବରେ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭିଡ଼ ଜମୁଥିବା ଦୋକାନରେ ମଧ ଚଢ଼ାଉ କରାଯିବ। ଡାକବାଜି ଯନ୍ତ୍ର ମାଧମରେ ଜନସଚେତନତା ସୃଷ୍ଟି କରିବାକୁ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ବନବାସୀ କଲ୍ୟାଣ ଆଶ୍ରମରେ ବାର୍ଷିକ ଉତ୍ସବ

ରାୟଗଡ଼ା ଅଫିସ/କୋଲନରା (ଡି.ଏନ୍.ଏ.), ୪।୧- ରାୟଗଡା ଜିଲା କୋଲନରା ବ୍ଲକ ରିଭଲକଣାରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରସ୍ଥ ଶହୀଦ ଲକ୍ଷ୍ମଣ ନାୟକ ଛାତ୍ରାବାସର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଆଦିବାସୀ ବ୍ୟାପାର ଓ ଜଳସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ କୃଷ୍ଣ ଭାଟି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଦିବାସୀ ଛାତ୍ରମାନଙ୍କ ପାଠପଢ଼ା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ଜେକେ କାଗଜ କଳ ତରଫରୁ ଉପସଭାପତି ବିନୟ ଦ୍ୱିବେଦୀ, ଉପସଭାପତି (ବ୍ୟବସାୟିକ) ବିଶ୍ୱଜିତ ଦ୍ୱିବେଦୀ, କୋଷାଧକ୍ଷ ରଞ୍ଜନ ପାଢ଼ୀ ପ୍ରମୁଖ ଯୋଗଦେଇ ଆଶ୍ରମକୁ ଆଗକୁ ନେବା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ମତ ରଖିଥିଲେ। ଛାତ୍ରବାସର ସଭାପତି ଗୌରୀ ଶଙ୍କର ପଟ୍ଟନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁନିଲ କୁମାର ନାଥ,ହରିହରଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଙ୍ଗିଛକରୁ ଏଣ୍ଡିମୁନିଗାଁ ରାସ୍ତା ପାଇଁ ଭିତ୍ତିପ୍ରସ୍ତର

ରାମନାଗୁଡ଼ା,୪।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଗୋସାଁଇ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନ ଏଣ୍ଡିମୁନିଗାଁ ଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବାଙ୍ଗିଛକରୁ ଏଣ୍ଡିମୁନଗାଁ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ, ଗୋଁସାଇ ଗୁଲୁମୁଣ୍ଡା ସରପଞ୍ଚ, ଜିଲା ବିଜେଡି ସମ୍ପାଦକ ଗଗନ ଆଚାର୍ଯ୍ୟ, ଛାତ୍ର ବିଜେଡି ସଭାପତି ପିଙ୍କୁ ପଣ୍ଡା, କମଳଲୋଚନ ମୁଟିକା, ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ରାୟ, ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ କ୍ଷୀରେନ୍ଦ୍ର କୁମାର ନାୟକଙ୍କ ସହ ପଦ୍ମପୁର ବ୍ଲକ ଅଧକ୍ଷ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସେହିପରି ବାଙ୍ଗିଛକରୁ ୭.୫କିଲୋମିଟର ରାସ୍ତା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଖୁବଶୀଘ୍ର ରାସ୍ତା କାମ ଆରମ୍ଭ ହେବ। ଫଳରେ ଏଥିରେ,ବାଙ୍ଗି,



ସାନବାଙ୍ଗି,ଡାକରଡା,ଏଣ୍ଡିମୁନିଗାଁ ଆଦି ୪ଟି ଗ୍ରାମର ଗ୍ରାମବାସୀ ଉପକୃତ ହେବେ ସହ ଏନେଇ ସରକାରଙ୍କୁ ଗ୍ରାମବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଜିଲା ପାଇଁ ବରଦାନ ଅମ୍ଳଜାନ ପ୍ରସ୍ତୁତି କେନ୍ଦ୍ର

ମାଲକାନଗିରି,୪।୧(ଡି.ଏନ.ଏ.)

ସାରା ଦେଶରେ କରୋନା ଉଗ୍ର ରୂପ ନେଇଥିବା ବେଳେ ଦେଖା ଦେଇଥିଲା ଅମ୍ଳଜାନ ଅଭାବ। ଅମ୍ଳଜାନ ଅଭାବରୁ ଅନେକ ଲୋକ ମଧ ଜୀବନ ହରାଇଥିଲେ। ତେବେ ଅମ୍ଳଜାନ ଅଭାବକୁ ଦୂର କରିବା ପାଇଁ ସେହି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଥିଲେ। ଓଡ଼ିଶାରୁ ବହୁ ଅମ୍ଳଜାନ ଟ୍ୟାଙ୍କର ବାହାର ରାଜ୍ୟକୁ ରାଜ୍ୟ ସରକାର ପ୍ରଦାନ କରିଥିଲେ। ଏଭଳି ସମସ୍ୟା ସମ୍ମୁଖୀନ ହେବା ପରେ ସରକାର ରାଜ୍ୟରେ ଅମ୍ଳଜାନ ଅଭାବକୁ ଦୂର କରିବା ପାଇଁ ଅମ୍ଳଜାନ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ ଦିଗରେ ପଦକ୍ଷେପ ନେଇଥିଲେ। ଯାହାର ଫଳ ସ୍ୱରୂପ ମାଲକାନଗିରି ଭଳି ପଛୁଆ ଏବଂ ଆଦିବାସୀ ବହୁଳ ଜିଲାରେ ମଧ ଅମ୍ଳଜାନ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ ହୋଇପାରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅମ୍ଳଜାନ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ ପରେ ବର୍ତ୍ତମାନ ଜିଲାରେ ଅମ୍ଳଜାନର ଅଭାବ ଦୂର ହୋଇଛି। କୌଣସି ରୋଗୀ ଆଉ ଅମ୍ଳଜାନ ଅଭାବରୁ ପ୍ରାଣ ହରାଇବେ ନାହିଁ। ଚିକିତ୍ସାଳୟର ୧୦୦ଟି ବେଡ୍‌ରେ ସର୍ବଦା ରୋଗୀଙ୍କୁ ଅମ୍ଳଜାନ ମିଳି




ଅମ୍ଳଜାନ ପ୍ରସ୍ତୁତି କେନ୍ଦ୍ର।

### ରୋଗୀଙ୍କ ପାଇଁ ଚିନ୍ତା ନାହିଁ

ପାରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲା ପାଇଁ ଆବଶ୍ୟକ ଅମ୍ଳଜାନର ପରିମାଣଠାରୁ ଅଧିକ ଅମ୍ଳଜାନ ଉତ୍ପାଦନ କରି ଗଚ୍ଛିତ ରଖାଯାଉଛି। ଆଗକୁ କରୋନାର ତୃତୀୟ ଲହର ଓମିକ୍ରନ୍‌ର ପ୍ରଭାବରେ ଅମ୍ଳଜାନ ଅଭାବ ପଡିପାରେ ଏହି ଆଶଙ୍କା ଜିଲାରୁ ଦୂର ହୋଇଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଆଗାମୀ ଦିନରେ ଅନ୍ୟ କୌଣସି ସ୍ଥାନରେ ଅମ୍ଳଜାନର ଅଭାବ ହେଲେ ଜିଲାରୁ ଅମ୍ଳଜାନ ପ୍ରଦାନ କରାଯିବା ନେଇ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି।

## ଗ୍ରାମ ପୋଖରୀରୁ କୁମ୍ଭୀର ଶାବକ ଉଦ୍ଧାର

ମାଲକାନଗିରି, ୪।୧(ଡି.ଏନ.ଏ.)



ମାଲକାନଗିରି ଜିଲା ବାଲିମେଳା ବନାଞ୍ଚଳ ଅଧୀନ ଶଦାସିବପୁର ଗ୍ରାମ ପୋଖରୀରୁ ଏକ ୫.୬ ଇଞ୍ଚ ଫୁଟ ଲମ୍ବର କୁମ୍ଭୀର ଗ୍ରାମବାସୀ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ମଙ୍ଗଳବାର ଗ୍ରାମବାସୀ ଗ୍ରାମ ପୋଖରୀରୁ ମାଛ ଧରୁଥିବା ସମୟରେ ଏକ କୁମ୍ଭିର ଦେଖିବାକୁ ପାଇଥିଲେ। କୁମ୍ଭୀରକୁ ସେମାନେ ଜାଲ ବିଛାଇ ଧରି ସ୍ଥାନୀୟ ବନ ବିଭାଗକୁ ସୂଚନା ଦେଇଥିଲେ। ବନପାଳ ଶିବ ପ୍ରସାଦ ଲେଙ୍କା ଏବଂ ଅନ୍ୟ କର୍ମଚାରୀ ଘଟଣା ସ୍ଥଳକୁ ଯାଇ କୁମ୍ଭୀରକୁ ଗ୍ରାମବାସୀଙ୍କଠାରୁ ଆଣିଥିଲେ। ପରେ ଡାକ୍ତରଖାନାରେ କୁମ୍ଭୀରର ଚିକିତ୍ସା କରି ତାର ସ୍ୱାସ୍ଥ୍ୟ ପ୍ରତି ନଜର ରଖାଯାଇଛି। ସୁସ୍ଥ ହେବା ପରେ ଏହାକୁ ବାଲିମେଳା ଜଳ ଭଣ୍ଡାରରେ ଛଡାଯିବ ବୋଲି ଲେଙ୍କା ପ୍ରକାଶ କରିଛନ୍ତି।

## ପାର୍କ ଉଦ୍‌ଘାଟନ ସହ ୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ଜୟପୁର,୪।୧(ନି.ପ୍ର.)

ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଜୟପୁର ପୌରାଞ୍ଚଳର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ଲୋବାଲ ମେଡିକାଲ ନିକଟ ହାପି ହନୁମାନ କଲୋନିଠାରେ ମଙ୍ଗଳବାର ୬ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ପାର୍କକୁ ଲୋକାର୍ପଣ କରିଛନ୍ତି। ଜିଲା କୋର୍ଟ ନିକଟରେ ନିର୍ମାଣ ହେବାକୁ ଥିବା ପେନାଙ୍ଗି ସଂରକ୍ଷିତ ଜଙ୍ଗଲରେ ନେଚର ଟ୍ରାଏଲ, ଜୟନଗର ପାର୍କ, ପଞ୍ଚାନନ ମନ୍ଦିର ପାର୍କ, ଜୟନଗରର ସୁଭାଷ ବୋଷ ପାର୍କ, ଲକ୍ଷ୍ମୀନଗର ପାର୍କ, ସମ୍ବାରତୋଟା ପାର୍କ, ଧାନି ଟାଉନଶିପ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ ବାହିନୀପତି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ଟୁଲିଆମ୍ମା, ପୌର ଯନ୍ତ୍ରୀ ପ୍ରଭାକର ଦାସ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନି, ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଚୈତନ୍ୟ ବାକ୍ସି ପ୍ରମୁଖ ଉପସ୍ଥିତ ଥିଲେ।



ହାପି ହନୁମାନ କଲୋନିଠାରେ ନିର୍ମିତ ପାର୍କକୁ ବିଧାୟକ ତାରାପ୍ରସାଦ ବାହିନୀପତି ଲୋକାର୍ପଣ କରୁଛନ୍ତି।

## ଜୁଆଆଡ୍ଡା ଉପରେ ଚଢ଼ାଉ, ୪ ଗିରଫ

ଜୟପୁର, ୪।୧ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ପଦ୍ମପୁର ୟୁକାଲିପଟାସ ଜଙ୍ଗଲରେ ଜୁଆଖେଳ ଚାଲିଥିବା ଖବର ପାଇ ସଦର ପୋଲିସ ଚଢ଼ାଉ କରି ୪ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟପୁର ସହର ପାରାବେଡ଼ାର ମନ କୁଳଦୀପ, ପାୱାର ହାଉସ କଲୋନିର ସନ୍ତୋଷ ସାହୁ, ବାମୁଣି ଗାଁର ସୁନୀଲ ଜାନି ଓ ଜୟନଗର ପାଇକସାହିର ତାରିଣୀ ଗୌଡ଼। ଏମାନଙ୍କଠାରୁ ୫ ହଜାର ୩ ଶହ ଟଙ୍କା, ତାସ୍ କାର୍ଡ, ୭ ବାଇକ ଜବତ ହୋଇଥିବା ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି।

## ଅବକାରୀ ଚଢ଼ାଉ, ୨ ଗିରଫ

ଜୟପୁର, ୪।୧ (ନି.ପ୍ର.)

ଦେଶୀ ମଦ ଚାଲାଣ ବେଳେ ସହରର ଏଲ୍‌ଆଇସି କଲୋନି ନିକଟରେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶିବ ଟାକରି ଓ ଗୁରୁ ଚଲାଣ।

## ବିଧାୟକ ଉଦ୍‌ଘାଟନ କଲେ ଧାନମଣ୍ଡି

ପଟ୍ଟାଙ୍ଗୀ, ୪।୧(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଲ୍ୟାମ୍ପ କାର୍ଯ୍ୟାଳୟ ପରିସରରେ ଧାନମଣ୍ଡିକୁ ମଙ୍ଗଳବାର ବିଧାୟକ ପିତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତ। ପ୍ରଥମ ଦିନରେ ୯୫ ଚାଷୀଙ୍କୁ ୨୨୬୮.୭୦ କେଜି ଧାନର ଟୋକନ ପ୍ରଦାନ କରାଯାଇଥିଲା। ସମସ୍ତ ଚାଷୀ ସରକାରଙ୍କ ନିର୍ଦ୍ଧାରିତ ସରକାରୀ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କାରେ ବିକ୍ରୟ କରିବା ପାଇଁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଦିଗାମ୍ବର ନାୟକ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷ ଜଗତ୍‌ଜ୍ୟୋତି ପାଙ୍ଗୀ, ଲ୍ୟାମ୍ପ ପରିଚାଳନା ସଭାପତି ସିକୁଣ୍ଡୁ ପାଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ଲକ କୃଷି ଅଧିକାରୀ ଅଭିମନ୍ୟୁ ସ୍ୱାଇଁ, ଜିଲା ସହକାରୀ ନିବନ୍ଧକ ଲକ୍ଷ୍ମୀଧର ରାଉତ, ଜିଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅରୁଣ ଜେନା, ପୂର୍ବତନ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ବଳରାମ ବାରିକ, ପୂର୍ବତନ ଲ୍ୟାମ୍ପ ଡାଇରେକ୍ଟର ପ୍ରତାପ ଚୌଧୁରୀ ଏବଂ ବିଭିନ୍ନ ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୪୧ଦିନ ଧରି ରାଜ୍ୟରେ ଲ୍ୟାମ୍ପ ଓ ପ୍ରାଥମିକ ସମବାୟ ସମିତି କର୍ମଚାରୀ ଆନ୍ଦୋଳନ ଚଳାଇଥିଲେ। ଫଳରେ ଚାଷୀ ଧାନ ବିକ୍ରି କରିବାକୁ ସମସ୍ୟାର ସମ୍ମୁଖୀନ ହୋଇ ଅଭାବୀ ବିକ୍ରିର ଶିକାର ହେଉଥିଲେ। କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ଏବେ ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଛି।



ଧାନମଣ୍ଡିକୁ ବିଧାୟକ ପିତମ ପାଢ଼ୀ ଉଦ୍‌ଘାଟନ କରୁଛନ୍ତି।

## ଉଦ୍‌ଘାଟିତ ଦୋକାନଗୃହକୁ ନେଲେ ୪ ଏସ୍‌ଏଚ୍‌ଜି

ସୁନାବେଡ଼ା,୪।୦୧(ସ୍ୱ.ପ୍ର.)

କୋରପୁଟ ଜିଲା ସେମିଳିଗୁଡ଼ା ବ୍ଲକ ରାଜପୁଟ ପଞ୍ଚାୟତର ବୋଡେଙ୍ଗା ଛକ ନିକଟରେ ନୂତନ ଭାବେ ନିର୍ମିତ ୪ଟି ଦୋକାନଗୃହକୁ ମୁଖ୍ୟ ଅତିଥି ରୂପେ ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରା ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଏବିଡିଓ ଧୀରେନ୍ଦ୍ର ଖଣ୍ଡାଗିରି, ବ୍ଲକ ସଭାପତି ରାମ ଅଣ୍ଟାବିରିଆ, ପିଇଓ ଲତା ପାତ୍ର, ସରପଞ୍ଚ ଲିଲିଅଣ୍ଟାବିରିଆ, ସିଡିପିଓ ସୁହାଗୀ ସୋରେନ,ୱାର୍ଡ ମେମ୍ବର ରୁକ୍ମିଣୀ ମୁଠାଇ, ଓଏଲ୍‌ଏମ୍ କୋର୍ଡିନେଟର କରୁଣାକର ପରିଡ଼ା, ଧାନ ଫାଉଣ୍ଡେଶନର ରିଡୁ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ୪ଟି ଦୋକାନକୁ କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶରେ ଏସ୍‌ଏଚ୍‌ଜି ମହିଳାଙ୍କୁ ହସ୍ତାନ୍ତର କରାଯାଇଛି। ମା' ଠାକୁରାଣୀ, ମା' ଦୀପାଳି, ମା' ବାସମୋତି, ମା' ଜାଗୃତି ଏସ୍‌ଏଚ୍‌ଜି ଏହି ଦୋକାନ ଗୃହ ପାଇଛନ୍ତି। ପ୍ରଥମ ଦୋକାନରେ ମଲ୍‌ଟି ଟିଫିନ ସେଣ୍ଟର, ଦ୍ୱିତୀୟରେ ମିନି ବ୍ୟାଙ୍କ, ତୃତୀୟରେ ସିଲାଇ, ଚତୁର୍ଥ ଦୋକାନରେ କିରାଣା ଦୋକାନ ଉପରୋକ୍ତ ଏସ୍‌ଏଚ୍‌ଜି ପକ୍ଷରୁ କରାଯିବାକୁ ବ୍ୟବସ୍ଥା ହୋଇଛି।

## ସୁସ୍ଥ ମାନସିକତାଯୁକ୍ତ ସମାଜ ଗଠନରେ 'ଯୁବ ସଂସ୍କାର' ସହାୟକ ହେବ

ନବରଙ୍ଗପୁର, ୪।୧(ବି.ପ୍ର.)

ନବରଙ୍ଗପୁର ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା, ଯୁବ ରେଡ୍‌କ୍ରସ୍ (ୱାଇଆର୍‌ସି) ଓ ଏନ୍‌ସିସିର ଅଧିକାରୀମାନଙ୍କୁ ନେଇ ଗଠିତ କମିଟି ପକ୍ଷରୁ ମହାବିଦ୍ୟାଳୟ ସ୍ତରୀୟ ଯୁବସଂସ୍କାର କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ଜାତୀୟ ସେବା ଯୋଜନା ଅଧିକାରୀ ମାନସୀ ମହାପାତ୍ର ପ୍ରଥମ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧକ୍ଷା ସଙ୍ଗୀତା ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ପିଲାଙ୍କର ନୈତିକ ଭାବଧାରାର ବିକାଶ ହେଲେ ସେମାନେ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ସେ କହିଛନ୍ତି। ୱାଇଆର୍‌ସି ଜିଲା ସମ୍ପାଦକ ତଥା ଯୁବସଂସ୍କାର କାର୍ଯ୍ୟକ୍ରମ କମିଟି ଆବାହକ ଡ. ଭାସ୍କର ନାଥ ବିଶ୍ୱାଳ ନୀତିଶିକ୍ଷା ସମ୍ବଳିତ ବୃତ୍ତଚିତ୍ର ଉପସ୍ଥାପନ କରିଥିଲେ। ପଥଭ୍ରଷ୍ଟ ଯୁବସମାଜକୁ ଠିକ୍ ରାସ୍ତାକୁ ଆଣିବା ଓ ଏକ ସୁସ୍ଥ ମାନସିକତାଯୁକ୍ତ ସମାଜ ଗଠନରେ ଯୁବ ସଂସ୍କାରର ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଛନ୍ତି। ଏନ୍‌ଏସ୍‌ଏସ୍‌ର ଜିଲା ସଂଯୋଜକ ଅଧ୍ୟାପକ ଦିଲୀପ ହୋତା ଯୁବସଂସ୍କାର କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ କହିଛନ୍ତି। ଜୀବନରେ ନୈତିକ ଶିକ୍ଷାର ଆବଶ୍ୟକତା ତଥା ଯୁବସମାଜ ପାଇଁ ଏହାର ଉପାଦେୟତା ଉପରେ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ସଚେତନ କରିଥିଲେ। ଅଧ୍ୟାପକ ଉଜ୍ଜ୍ୱଳ ମହାନନ୍ଦିଆ, ଜାହାଙ୍ଗିର ମହମ୍ମଦ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

## ଜୟ ସୋନି ଛତିଶଗଡ଼ ମିଷ୍ଟର ଆଣ୍ଡ ମିସ୍ ପ୍ରତିଯୋଗିତାର ଜଜ୍

ବିଷମକଟକ, ୪।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଚାଟିକଣା ମାଟିର ପୁଅ ଜୟ ସୋନି ଛତିଶଗଡ଼ ମିଷ୍ଟର ଆଣ୍ଡ ମିସ୍ ପ୍ରତିଯୋଗିତାର ଜଜ୍ ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ ସହ ଛତିଶଗଡ଼ର ଅସ୍ମିତା ରାଉତ ଏବଂ ଫାଇଜଲ ଖାନ୍ ଜଜ୍ ଭାବେ ଦେଖିବାକୁ ମିଳିବେ।

ସୂଚନାନୁଯାୟୀ, ଅଭାବ ଅନଟନରେ ଚଳୁଥିବା ଜୟ ସୋନି ଦାଦନ ଖଟିବାକୁ ଛତିଶଗଡ଼ ଯାଇଥିଲେ। ସେଠାରେ ଏକ ଠିକା ସଂସ୍ଥାରେ କାମ କରିବା ସହ ରାତିରେ ଚା' ବିକ୍ରି କରୁଥିଲେ। ଖବରକାଗଜରେ ମିଷ୍ଟର ଆଣ୍ଡ ମିସ୍ ଛତିଶଗଡ଼ର ଅଡିଶନ ଦେଖି ସେ ଭାଗ ନେଇ ତାହାକୁ ଜିତିଥିଲେ। ୨୦୨୧ରେ ମଧ ଏହି ପ୍ରତଯୋଗିତାରେ ସେ ଜଜ୍‌ଭାବେ ମନୋନୀତ ହୋଇଥିଲେ। ଓଡ଼ିଶାର ପିଲା ଦାଦନ ଖଟିବାକୁ ଯାଇ ବାହାର ରାଜ୍ୟରେ ନିଜ ପ୍ରତିଭା ଦେଖାଉଛନ୍ତି। ହେଲେ ଆମ ରାଜ୍ୟରେ ସେମାନେ ଅଲୋଡ଼ା। ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ କରି ଦୁର୍ଗମ ଅଞ୍ଚଳର ପ୍ରତିଭାଙ୍କୁ ହାତ ଧରି ଆଗକୁ ବଢ଼ାଇବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ବୋଲି ଜୟ ସୋନି କହିଛନ୍ତି।

# ସମ୍ବେଦନଶୀଳ ହୋଇ ଦିବ୍ୟାଙ୍ଗଙ୍କୁ ସେବା ଦିଅ

ରାୟଗଡ଼ା ଅଫିସ, ୪।୧

ରାୟଗଡ଼ାସ୍ଥିତ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ସଭାଗୃହରେ ମଙ୍ଗଳବାର ଭିନ୍ନକ୍ଷମ ଅଧିକାର ଓ ଅଧିନିୟମ ସମ୍ପର୍କିତ ଏକ ସଚେତନତା ସଭା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ ଯୋଗଦେଇଥିଲେ। ଦିବ୍ୟାଙ୍ଗଙ୍କ ଅଧିକାର ଓ ଅଧିନିୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାୟଗଡ଼ା ଭଳି ଆଦିବାସୀ ଅଞ୍ଚଳର ଦିବ୍ୟାଙ୍ଗମାନେ ପ୍ରଶାସନ ନିକଟରେ ସହଜରେ ସେମାନଙ୍କ ଦାବି ଜଣାଇପାରିବେ ନାହିଁ। ତେଣୁ ସେମାନଙ୍କୁ ସେବା ଯୋଗାଇବା ନିମନ୍ତେ ସମସ୍ତେ ସମ୍ବେଦନଶୀଳ ହେବାକୁ ଉପସ୍ଥିତ ଅଧିକାରୀଙ୍କୁ ଜିଲାପାଳ ଅନୁରୋଧ କରିଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି ଏବଂ ସେମାନଙ୍କର ତାହା ଉପଭୋଗ କରିବାର ଅଧିକାର ଅଛି। ଆମେ ଖାଲି ସେମାନଙ୍କୁ ସେବା ଯୋଗାଇବା ଦରକାର ବୋଲି ସେ କହିଛନ୍ତି। ଜିଲାପାଳ ପାୱାର ପଏଣ୍ଟ ମାଧମରେ ଜିଲାର ବିଭିନ୍ନ ଯୋଜନାର ଲକ୍ଷ୍ୟ ହାସଲ ଉପରେ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜୁ କରୋନା ସଂକ୍ରମଣ ଓ ଏହାର ମୁକାବିଲା ପାଇଁ କିଭଳି ସଚେତନ ହେବାକୁ ହେବ ସେ ସମ୍ପର୍କରେ ମତ ରଖିଥିଲେ। ଭିନ୍ନକ୍ଷମ ମହାସଂଘ ଯୁଗ୍ମ ସମ୍ପାଦକ ପଞ୍ଚାୟତସ୍ତରରେ ଜନପ୍ରତିନିଧିଙ୍କୁ ସଚେତନ, ବ୍ୟାଙ୍କ ମାଧମରେ ଆର୍ଥିକ ସହାୟତା ପ୍ରଦାନ, ଯାତ୍ରୀବାହୀ ବସ୍‌ରେ ଯାତ୍ରା ସୁବିଧା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଏ ଦିଗରେ ଆଲୋଚନାକରି ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କମିଶନର କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ତରିଆ କୁଲୁ, ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଭିନ୍ନକ୍ଷମ ମହାସଂଘ ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ କମିଶନର, ଜିଲାପାଳ ଓ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

DSPL-372

## ୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା

**ଟୀକାକରଣ ପାଇଁ ଯୋଗ୍ୟତା** - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା (୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

**ପଞ୍ଜିକରଣ ଉପାୟ** - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜିକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜିକରଣ କରନ୍ତୁ।

**ପଞ୍ଜିକରଣ ପାଇଁ ଆବଶ୍ୟକ ପରିଚୟପତ୍ର** (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

**ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି** - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

**ଟୀକାର ନାମ** - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

**ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ** - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

**ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା** - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ଟୀକା ନେବାପରେ ମଧ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ**

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

